# ଓଡ଼ିଆ ଉପନ୍ୟାସ ଓ ଔପନ୍ୟାସିକ

ରାଜେଶରାଜ ସ୍ୱାଇଁ

ଉପନ୍ୟାସ ଆଧୁନିକ କଥା ସାହିତ୍ୟର ଏକ ବିଶିଷ୍ଟ ବିଭାଗ । ଇଂରାଜୀ 'Novel' ଅର୍ଥରେ ସାଧାରଣତଃ 'ଉପନ୍ୟାସ' କଥାଟି ଆଜିକାଲି ଗ୍ରହଣ କରାଯାଇଥାଏ । ପାଶ୍ଚାତ୍ୟ ଭୂଖଣ୍ଡରେ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀ ମଧ୍ୟଭାଗରେ ଏହି 'Novel' ବିକାଶପ୍ରାପ୍ତ ହୋଇଥିଲା । କାଳକ୍ରମେ ବିଶ୍ୱର ବିଭିନ୍ନ ସାହିତ୍ୟରେ ଏହା ଏକ ନିର୍ଦ୍ଦିଷ୍ଟ ସାରସ୍ୱତ ଶୈଳୀ ବା ଶିଳ୍ପ–ରୀତି ହିସାବରେ ସ୍ଥାନଲାଭ କରିଛି । ମନୁଷ୍ୟ ଓ ସମାଜର ବାସ୍ତବ କଥାବସ୍ତୁ ଉପନ୍ୟାସର ମୂଳ ଆଧାର । ସମାଜର ବିଭିନ୍ନ କ୍ଷେତ୍ରର ଭିନ୍ନ ଭିନ୍ନ ଚିରିତ୍ରକୁ ଆଣି ଔପନ୍ୟାସିକ ଉପନ୍ୟାସ ଭିତରେ ଆବଦ୍ଧ କରିଥାଏ । ଗାଁ'ଗଣ୍ଡା, ମଫସଲଠାରୁ ଆରମ୍ଭ କରି ସ୍ମାର୍ଟସିଟି ପର୍ଯ୍ୟନ୍ତ ସବୁ ଚରିତ୍ର ଲେଖକଙ୍କର ପ୍ରିୟପାତ୍ର ହୋଇଥାଏ । ହାରାବୋଉ, ରାମିଆ ମା' ଚରିତ୍ରଠାରୁ ଆରମ୍ଭ କରି ଚମ୍ପା, ମାୟା ଚରିତ୍ର ପର୍ଯ୍ୟନ୍ତ, ହରି ମିଶ୍ର, ମଙ୍ଗରାଜ, ବରଜୁଠାରୁ ଆରମ୍ଭ କରି କାଭଲ, ବଳୀଦତ୍ତ ଚରିତ୍ର ସମାବେଶରେ ଓଡ଼ିଆ ଉପନ୍ୟାସ ରାଜ୍ୟ ଆଜି ସମୃଦ୍ଧ ଓ ବିକଶିତ । ଏହି ଚରିତ୍ର ସମସ୍ତ ଆମ ସମାଜର ଗୋଟିଏ ଗୋଟିଏ ପ୍ରତିନିଧି । ଏମାନଙ୍କୁ କାହାରିକୁ ଛାଡ଼ି ଉପନ୍ୟାସ ସଫଳ ରୂପେ ନେବା ଦୂରର କଥା ଏହାର ସୃଷ୍ଟି ମଧ୍ୟ ଅସମ୍ଭବ ।

ଔପନ୍ୟାସିକ ତା'ର ସମସ୍ତ ଚିନ୍ତା, କଳ୍ପନା, ଅନୁଭୂତିକୁ ପରିସ୍ଫୁଟ କରିବାର ଯଥେଷ୍ଟ ସ୍ୱାଧୀନତା ଲାଭ କରିଥିବାରୁ ପାଠକ ତା'ର ଇଚ୍ଛାନୁରୂପ ସମସ୍ତ ଉପାଦାନ ଉପନ୍ୟାସରେ ଆବିଷ୍କାର କରି ଆନନ୍ଦାଭିଭୂତ ହୁଏ । କବିତାର ପ୍ରବହମାନତା, ଗଳ୍ପର ଶୈଳୀ ଏବଂ ନାଟକର ସଂଳାପ, ଦ୍ୱନ୍ଦ୍ୱ, ଉତ୍କଣ୍ଠା ଓ ଆକସ୍ମିକତାକୁ ଗ୍ରହଣ କରିଥିବାରୁ ପାଠକର ଦୃଷ୍ଟି ଉପନ୍ୟାସ ପ୍ରତି ଆକର୍ଷିତ ହେବା ସ୍ୱାଭାବିକ । ଉପନ୍ୟାସ ଭିତରେ ମଣିଷର ବ୍ୟକ୍ତିଗତ ଓ ସାମାଜିକ ଜୀବନ, ପାରିପାର୍ଶ୍ୱିକ ପରିବେଶ ସବୁ ଯେପରି ଏକ ରହସ୍ୟମୟ ମାୟାଲୋକ ସୃଷ୍ଟି କରିଥାଏ । ପୃଥିବୀର ଏପରି କୌଣସି ଘଟଣା ବା ଏପରି କୌଣସି ଦୃଶ୍ୟ ନାହିଁ, ଯାହା ଉପନ୍ୟାସର ଅନ୍ତର୍ଗତ ହୋଇ ନପାରିବ । ମଣିଷ ଜୀବନର ପୂର୍ଣ୍ଣାଙ୍ଗ ଦୃଶ୍ୟପଟ ହେଉଛି ଉପନ୍ୟାସ । ଯଥାର୍ଥରେ ଉପନ୍ୟାସ ହେଉଛି ପ୍ରତିଟି ଯୁଗର ଆତ୍ମକାହାଣୀର ଏକ ଅକପଟ ପରିପ୍ରକାଶ ।

**ନାରୀ ଔପନ୍ୟାସିକା :** ସମାଜରେ ପୁରୁଷ ଓ ନାରୀ ଉଭୟେ ଉଭୟଙ୍କର ପରିପୂରକ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି । ଦୁହିଁଙ୍କର ସମାନ ଅଧିକାର ଏବଂ ଦାୟିତ୍ୱ ଆମ ସମାଜରେ ରହିଅଛି । ନାରୀ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ପରିବାର, ସମାଜ, ଦେଶ ତଥା ଜାତି ଗଠନରେ ନାରୀର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ନାରୀ କେବେ ମା'ତ କେବେ ଭଗିନୀ ପୁଣି କେବେ ସ୍ତ୍ରୀ ତ କେବେ ଧାତ୍ରୀ । ନାରୀ ସମାଜର ବୃହତ୍ତମ ଶକ୍ତି । ବେଦରେ 'ମାତୃଦେବ ଭବଃ'ର ମର୍ଯ୍ୟାଦା ନାରୀଙ୍କୁ ପ୍ରଦାନ କରାଯାଇଛି । ଶାସ୍ତ୍ରରେ ଅଛି, 'ଯତ୍ର ନାର୍ଯ୍ୟସ୍ତୁ ପୂଜନ୍ତେ, ରମନ୍ତେ ତତ୍ରଦେବତା' ଅର୍ଥାତ୍ ଯେଉଁଠାରେ ନାରୀମାନଙ୍କୁ ସମ୍ମାନ ପ୍ରଦାନ କରାଯାଏ, ସେଠାରେ ଦେବତାମାନେ ଅବସ୍ଥାନ କରନ୍ତି । ନାରୀ ହେଉଛି ସ୍ନେହ, ସେବା ଓ ସହନଶୀଳତାର ପ୍ରତୀକ ।[୧] ନାରୀ ଲକ୍ଷ୍ମୀ ସ୍ୱରୂପିଣୀ । ସେମାନେ ଆଦର୍ଶ

ମାତା, ଉତ୍ତମଗୁରୁ ଏବଂ ସ୍ତ୍ରୀ । ନାରୀ ଅଲୌକିକ ଦିବ୍ୟ ଶକ୍ତିର ଅଧିକାରିଣୀ, ସେମାନେ ଲକ୍ଷ୍ମୀ, ଦୁର୍ଗା ତ କେବେ କାଳୀ ତ ପୁଣି କେବେ ଝାନ୍ସୀ ରାଣୀ ଲକ୍ଷ୍ମୀବାଈ ।

ଗୋଟିଏ ପୁରୁଷର ସଫଳ କାହାଣୀ ପଛରେ ଗୋଟିଏ ନାରୀର ତ୍ୟାଗ, ସାଧନା, ଭଲପାଇବା ଓ ନିଷ୍ଠା ଲୁଚି ରହିଥାଏ । ତେଣୁ ନାରୀକୁ ଛାଡ଼ି ସମାଜର ସ୍ଥିତି ଅସମ୍ଭବ । ସମାଜର ବାସ୍ତବ ଚିତ୍ରକୁ ସାହିତ୍ୟ ବହନ କରିଥାଏ । କେବଳ ପୁରୁଷ ଚରିତ୍ରର ରୂପାୟନରେ ସାହିତ୍ୟ ବାସ୍ତବଧର୍ମୀ ହୋଇପାରିବ ନାହିଁ । ନାରୀ ବିନା ସମାଜ ଯେମିତି ମୂଲ୍ୟହୀନ ।

ସେପରି ନାରୀ ଚରିତ୍ର ବିନା ସାହିତ୍ୟ ଅବାସ୍ତବ, ଅସଂପୂର୍ଣ୍ଣ । ଉପନ୍ୟାସରେ ନାରୀ ଚରିତ୍ରର ଅବତାରଣା ଓ ବିକାଶ ଉପନ୍ୟାସକୁ ଅଧିକ ମାର୍ଜିତ, ସୁସଂହତ, ମନୋମୁଗ୍ଧକର ତଥା ବଳିଷ୍ଠଧର୍ମୀ କରିଥାଏ । ଅନେକ କ୍ଷେତ୍ରରେ ନାରୀ ଜୀବନଭିତ୍ତିକ ଉପନ୍ୟାସ ସାହିତ୍ୟ ଜଗତରେ ଅଧିକ ଲୋକପ୍ରିୟ ହୋଇଛି । ନାରୀ ଯେହେତୁ ବହୁ ଭୂମିକାରେ ଅବତୀର୍ଣ୍ଣ, ବହୁ ପ୍ରତିଭାର ଅଧିକାରିଣୀ ତଥା ଅନେକ ଆଲୋଚନାର କେନ୍ଦ୍ରବିନ୍ଦୁ, ତେଣୁ ଏଭଳି କ୍ଷେତ୍ରରେ ନାରୀ କୈନ୍ଦ୍ରିକ ଉପନ୍ୟାସ ଅଧିକ ସାର୍ଥକତା ହାସଲ କରିଥାଏ ।[୨]

ବିଗତ ଏକଶତ ବର୍ଷରୁ ଉର୍ଦ୍ଧ୍ୱକାଳ ଧରି ଯେଉଁମାନେ ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ରାମଶଙ୍କର ରାୟ, ଫକୀରମୋହନ ସେନାପତି, ଚିନ୍ତାମଣି ମହାନ୍ତି, କାଳିନ୍ଦୀଚରଣ ପାଣିଗ୍ରାହୀ, କାହ୍ନୁଚରଣ ମହାନ୍ତି, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ବିଭୂତି ପଟ୍ଟନାୟକ ପ୍ରଭୃତି ରହିଛନ୍ତି । ସେମାନେ ଆମର ପ୍ରାତଃ ସ୍ମରଣୀୟ । ଏମାନେ ସମସ୍ତେ ଔପନ୍ୟାସିକ କିନ୍ତୁ ଉପନ୍ୟାସ ସ୍ରଷ୍ଟାର ଅନ୍ୟ ଦିଗଟି ପ୍ରତି ଆମେ ଅନେକ ଆଖି ବନ୍ଦ କରିଦେଇଥାଉ । ଔପନ୍ୟାସିକମାନଙ୍କ ପରି ଅନେକ ଔପନ୍ୟାସିକା ମଧ୍ୟ ଓଡ଼ିଆ ଉପନ୍ୟାସ ଜଗତକୁ ଋଦ୍ଧିମନ୍ତ କରିଛନ୍ତି ତାଙ୍କର ଅମର ଲେଖନୀଚାଳନା କରି । ଔପନ୍ୟାସିକଙ୍କ କୃତିତ୍ୱ ତୁଳନାରେ କିଛି କମ୍ ନୁହେଁ, ବରଂ ଆମକୁ ମନେରଖିବା ଦରକାର ଯେ, ଔପନ୍ୟାସିକାଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହଛି ।

**ନାରୀ ରଚିତ ଉପନ୍ୟାସର ବିଶେଷତ୍ୱ :** ନାରୀ ହିଁ ନାରୀର ମନର ଭାବକୁ ଅତ୍ୟନ୍ତ ଜୀବନ୍ତ ଭାବେ ପ୍ରକାଶ କରିପାରେ । ପୁଣି ଈର୍ଷାରେ ବଶୀଭୂତ ନାରୀ ହିଁ ନାରୀର ଚିରଶତ୍ରୁ ହୋଇଥାଏ । ଏହିସବୁ ଭାବଧାରାର ପ୍ରତିଫଳନ ଉପନ୍ୟାସ ସାହିତ୍ୟରେ ମଧ୍ୟ ହୋଇଅଛି । ନାରୀ ମନର ଗୋପନ ଭାବଧାରା, ତା'ର ଚିନ୍ତା, ଚେତନା, ଦୁଃଖ, ଅଶାନ୍ତି ନାରୀଟିଏ ଯେମିତି ବୁଝେ । ପୁରୁଷଟିଏ ପକ୍ଷରେ ଏହା ସମ୍ଭବ ହୁଏ ନାହିଁ । ଏଣୁ ପୁରୁଷ ଓ ନାରୀ ମଧ୍ୟରେ ଥିବା ମାନସିକ ପାର୍ଥକ୍ୟ ନାରୀ ଲେଖନୀ ବିଶେଷତ୍ୱର ଏକ କାରଣ । ନାରୀମାନେ ସାଧାରଣତଃ କୌଣସି ଗୋଟିଏ ଦିଗରେ ଅତ୍ୟଧିକ ପ୍ରବଣ ନୁହଁନ୍ତି । ତେଣୁ ସେମାନଙ୍କ ସୃଷ୍ଟିରେ ପାର୍ଥକ୍ୟ ଦେଖାଯାଏ । ଯଦି ସେମାନଙ୍କ ଉପରେ କୌଣସି ବାହ୍ୟ ପ୍ରଭାବ ପଡ଼ନ୍ତା ନାହିଁ, ତେବେ ସେମାନଙ୍କ ସୃଷ୍ଟି ଅଧିକ ସାର୍ଥକ ଓ ଆକର୍ଷଣୀୟ ହୁଅନ୍ତା ।[୩]

ପୁରୁଷ ରଚିତ ଉପନ୍ୟାସ ଓ ନାରୀ ରଚିତ ଉପନ୍ୟାସ ମଧ୍ୟରେ କେତେକ ପାର୍ଥକ୍ୟ ଥିବାରୁ ଅନେକ ସମାଲୋଚକ ଔପନ୍ୟାସିକାଙ୍କ ଉପନ୍ୟାସର ସ୍ୱତନ୍ତ୍ର ମୂଲ୍ୟାୟନ କରିଥାନ୍ତି । ଊନବିଂଶ ଶତାବ୍ଦୀର ଶେଷ ଭାଗକୁ ପାଶ୍ଚାତ୍ୟ ସାହିତ୍ୟରେ ଔପନ୍ୟାସିକାଗଣ ପ୍ରସିଦ୍ଧି ହୋଇଉଠିଲେ ହେଁ Jane Austeenଙ୍କ ଉପନ୍ୟାସରେ ସର୍ବପ୍ରଥମେ ଏହି ନାରୀତ୍ୱର ସ୍ୱର ଶୁଣାଯାଇଥିଲା ।[୪] ପ୍ରତ୍ୟେକ ଲେଖକର ବ୍ୟକ୍ତିତ୍ୱ ସାହିତ୍ୟରେ ପ୍ରତିଫଳିତ । ନାରୀ ଓ ପୁରୁଷ ମଧ୍ୟରେ ଥିବା ପରିବେଶ ପରିସ୍ଥିତି ସାମାଜିକ, ରାଜନୈତିକ, ଅର୍ଥନୈତିକ, ଶିକ୍ଷାଗତ ପାର୍ଥକ୍ୟ ରହିଛି । ସ୍ୱସ୍ୱ ପରିମଣ୍ଡଳରେ ପୃଥକ୍ ହେବା ସ୍ୱାଭାବିକ ।

ଉଭୟଙ୍କ ଉପନ୍ୟାସର ବିଷୟବସ୍ତୁ, ଚରିତ୍ର, ଭାଷା ସଂଯୋଜନା, ରଚନା ଶୈଳୀ ଓ ପରିବେଷଣ ଶୈଳୀ ଭିନ୍ନ । ମାତ୍ର ସାହିତ୍ୟର ଉତ୍କର୍ଷ ନାରୀ ପୁରୁଷ ଭେଦର ନୁହେଁ ରଚନା ଶୈଳୀ, ଚରିତ୍ର ବିଶ୍ଳେଷଣ ଓ ଜୀବନ୍ତ ବର୍ଣ୍ଣନା ଭେଦରେ ନିହିତ । ପାଶ୍ଚାତ୍ୟ ସାହିତ୍ୟରେ Bronte Sister, Jane Austeen, George Eliot, Verginia Woolf ଆଦି କେତେଜଣ ନାରୀ ଉପନ୍ୟାସ ରଚନାରେ ମନୋନିବେଶ କରିଛନ୍ତି । ସମସ୍ତେ ଯଥେଷ୍ଟ ସଫଳତା ଲାଭ କରିଛନ୍ତି । ଅନେକ ସମାଲୋଚକଙ୍କ ମତରେ ଏହି ଉପନ୍ୟାସଗୁଡ଼ିକରେ ପ୍ରତିଫଳିତ ନାରୀତ୍ୱର ସ୍ୱର ହିଁ ସଫଳତାର ଭିତ୍ତିଭୂମି । ସୁତରାଂ ଔପନ୍ୟାସିକାଙ୍କ ରଚିତ ଉପନ୍ୟାସକୁ ପର୍ଯ୍ୟାଲୋଚନା କଲେ ନାରୀ ଲେଖନୀ ବା ନାରୀ ଉପନ୍ୟାସର ବୈଶିଷ୍ଟ୍ୟ ସ୍ପଷ୍ଟ ହୁଏ ।

ପୁରୁଷ ରଚିତ ଉପନ୍ୟାସରେ ନାରୀ ଗୌଣ ବା ସଂକୀର୍ଣ୍ଣ । ସେଠି ତା'ର ସ୍ୱତନ୍ତ୍ର ଭୂମିକା ନାହିଁ । ପୁରୁଷ ନାରୀକୁ Opposite Sex ରୂପରେ ଦେଖେ । ନାରୀ ସେଠାରେ Character ହୋଇପାରେ Individual ନୁହେଁ । ଉପନ୍ୟାସର ପ୍ରଧାନ ଉପଜୀବ୍ୟ ପ୍ରେମ ଓ ପ୍ରଣୟ । ନରନାରୀର ବୈଚିତ୍ର୍ୟମୟ ଆକର୍ଷଣ ଏହାର ପ୍ରଖ୍ୟାପିତ ବିଷୟବସ୍ତୁ । ପୁରୁଷ ଦୃଷ୍ଟିଭଙ୍ଗୀରୁ ଉପନ୍ୟାସ ଲେଖାଯାଉଥିବାରୁ ଏହା ଏକ ଦେଶଦର୍ଶୀ ହୋଇଥାଏ । ନାରୀ ଗୌଣ ଅଂଶ ଅଧିକାର ପରେ, ନିଶ୍ଚଳ ହୋଇ ପରିଣତିର ଅପେକ୍ଷା ରଖେ । ପୁରୁଷର ମନୋବିଶ୍ଳେଷଣ ପ୍ରଧାନ । ଯେଉଁଠାରେ ନାରୀ ମନୋବିଶ୍ଳେଷଣ କରାଯାଇଥାଏ, ତାହା ନାରୀ ଦୃଷ୍ଟିଭଙ୍ଗୀରୁ ନୁହେଁ ପୁରୁଷ ଦୃଷ୍ଟିଭଙ୍ଗୀରୁ ।

ପୁରୁଷ ଲେଖନୀରେ ନାରୀର ଶାରୀରିକ ସୌନ୍ଦର୍ଯ୍ୟ ଓ ଅନ୍ତରର ସୁଷମା ମହିମାମଣ୍ଡିତ ହୋଇଥାଏ । କିନ୍ତୁ ନାରୀ ଲେଖନୀରେ ସ୍ୱଜାତିର ତୀବ୍ର ବା ସୂକ୍ଷ୍ମ ପର୍ଯ୍ୟବେକ୍ଷଣ କଠୋର ସତ୍ୟପ୍ରିୟତା ପୁରୁଷର ଆଦର୍ଶ ଜ୍ୟୋତିକୁ ମ୍ଳାନ କରିଦେଇଛି । ଔପନ୍ୟାସିକା ନାରୀକୁ ବାସ୍ତବ ରୂପ ଦେଇପାରେ । ତେଣୁ ନାରୀ ରଚନାରେ ଅଛି ଗଭୀର ବିଶ୍ଳେଷଣ, ଆତ୍ମଜିଜ୍ଞାସା, ନିଜ ଅଧିକାର ସମ୍ପର୍କରେ ଧୂମାୟିତ ବିଦ୍ରୋହ । Bronte Sisterଙ୍କ ଉପନ୍ୟାସରେ ପ୍ରଥମେ ଏହି ଧୂମାୟିତ ବିଦ୍ରୋହ ଦେଖାଦେଇଛି ।[୬] ସାଧାରଣ ପୁରୁଷ ଲେଖକଙ୍କ ପରି ଏମାନଙ୍କ ନାୟିକା ଅପରୂପ ସୁନ୍ଦରୀ ହୋଇନଥାନ୍ତି । ଏମାନେ ସାଧାରଣ ସୁନ୍ଦରୀ ବା ସୌନ୍ଦର୍ଯ୍ୟହୀନା । ଏମାନେ ସାଧାରଣ ଜୀବନ ନିର୍ବାହ କରନ୍ତି, ସ୍ୱଳ୍ପଭାଷିଣୀ ହୋଇଥାନ୍ତି । ମାତ୍ର ତାଙ୍କର ଏଇ ଶାନ୍ତ ସରଳ ରୂପ ତଳେ ବିଦ୍ରୋହର ଅଗ୍ନି କୁହୁଳୁଥାଏ ।

ଉପନ୍ୟାସରେ ମାନବ ଜୀବନ, ସମାଜ ଚିତ୍ର ତଥା ପରିବେଶ ଇତ୍ୟାଦି ସ୍ଥାନପାଏ । ପ୍ରତ୍ୟେକ ଉପନ୍ୟାସରେ ଏହିସବୁ ଉପାଦାନଗୁଡ଼ିକ ଲେଖକର ନିଜସ୍ୱ ଦୃଷ୍ଟିଭଙ୍ଗୀର ସଜ୍ଜାଯାଇଥାଏ କିମ୍ବା ପ୍ରଚଳିତ ନିୟମ ଅନୁସାରେ । ପୁରୁଷ ନିଜ ଦୃଷ୍ଟିକୋଣରୁ ନିୟମ ସୃଷ୍ଟି କରିଛି । ତେଣୁ ଉପନ୍ୟାସରେ ଔପନ୍ୟାସିକର ଦୃଷ୍ଟିଭଙ୍ଗୀରୁ ଉପନ୍ୟାସ ସଜ୍ଜାଇଥାଏ । ତେଣୁ ଉଭୟଙ୍କ ଉପନ୍ୟାସରେ ପାର୍ଥକ୍ୟ ସୃଷ୍ଟି ହୁଏ । ଔପନ୍ୟାସିକାର ଉପନ୍ୟାସର ପୃଥିବୀ କ୍ଷୁଦ୍ର ଓ ସୀମିତ । ତା'ର ଜୀବନ ଯେମିତି ବିବିଧ ଅନୁଭୂତି ବହୁଳ ନୁହେଁ, ସେହିପରି ଅଭିଜ୍ଞତା ବହୁଳ ମଧ୍ୟ । ଏକ କ୍ଷୁଦ୍ର ପରିବାର, ସୀମିତ ପରିସର ସାଧାରଣ ପରିବେଶ ମଧ୍ୟରେ ସେମାନେ ଜୀବନ ଅତିବାହିତ କରନ୍ତି । ତେଣୁ ସେମାନଙ୍କ ରଚିତ ଉପନ୍ୟାସ ଏକ କ୍ଷୁଦ୍ର ପରିସର ମଧ୍ୟରେ ଉତ୍କର୍ଷ ଲାଭକରି ପରିଣତ ଲାଭ କରେ । ଏଥିରେ ପରିବେଶର ବୈଚିତ୍ର୍ୟ ନଥାଏ । ମାତ୍ର ସେଇ ସୀମିତ ପରିସର ମଧ୍ୟରେ ସେମାନେ ଜୀବନ ଅତିବାହିତ କରନ୍ତି । ଏଥିରେ ପରିବେଶର ବୈଚିତ୍ର୍ୟ ନ ଥାଏ । ମାତ୍ର ସେଇ ସୀମିତ ପରିସର ମଧ୍ୟରେ ତା'ର ମନସ୍ତତ୍ତ୍ୱ, ତା'ର ଭାବନା ରାଶିର ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ହିଁ ଚମତ୍କାରିତା ସୃଷ୍ଟି କରେ । ନାରୀ ନିଜ ଅନୁଭୂତି ପୃଥିବୀ ମଧ୍ୟରେ ଉପନ୍ୟାସ ରଚନା କରେ । ଏ ସମ୍ପର୍କରେ Dorothy Richardson ଓ H.G. Wellsଙ୍କ

କଥୋପକଥନକୁ ଉଦାହରଣ ସ୍ୱରୂପ ଗ୍ରହଣ କରାଯାଇପାରେ ।

H.G. Wells, Dorothy – "Perhaps the novels not your form : Women ought to be good novelist. But they write best about their own experiences. Love affairs and so forth. The lack imagination.

- "An imagination, lies

- Try a novel of ideas Philosophical, there is G. Eliot. - Writes like a man."(7)


**ପାଶ୍ଚାତ୍ୟ ଔପନ୍ୟାସିକା ଓ ଓଡ଼ିଆ ଔପନ୍ୟାସିକା–ଏକ ତୁଳନାତ୍ମକ ଅଧ୍ୟୟନ :** ୟୁରୋପରେ ଔପନ୍ୟାସିକଙ୍କ ଉପନ୍ୟାସରେ ନାରୀ ଲେଖନୀର ଛାପ ଯେପରି ସ୍ପଷ୍ଟ ଓଡ଼ିଆ ଉପନ୍ୟାସରେ ସେପରି ନୁହେଁ । ଓଡ଼ିଶାର ସାମାଜିକ ଅବସ୍ଥା, ରୀତିନୀତି ୟୁରୋପଠାରୁ ପୃଥକ୍ । ତେଣୁ ୟୁରୋପୀୟ ସାହିତ୍ୟରେ ଯେପରି ସ୍ପଷ୍ଟ ଓ ମୁକ୍ତଭାବେ ଭାବବ୍ୟକ୍ତ ସମ୍ଭବ ହୋଇଛି ଏ କ୍ଷେତ୍ରରେ ହୋଇପାରିନାହିଁ । ଓଡ଼ିଶାରେ ନାରୀ ପୁରୁଷ ସହ ପ୍ରତିଯୋଗିତା କରିନାହିଁ କିମ୍ବା ସମକକ୍ଷ ହୋଇନାହିଁ ବରଂ ଆତ୍ମରକ୍ଷାର ଚେଷ୍ଟା କରିଛି, ନିଜର ଆତ୍ମମର୍ଯ୍ୟାଦା ସମ୍ମାନ ପାଇଁ ପୁରୁଷ ପାଖରେ ପ୍ରାର୍ଥନା କରିଛି । ତେଣୁ ଏ କ୍ଷେତ୍ରରେ ଅଭିଯୋଗ ଓ ବିଦ୍ରୋହ ଅପେକ୍ଷା ଆକୁଳତା ଓ କାରୁଣ୍ୟ ପ୍ରକାଶ ପାଇଛି । ତେଣୁ ପାଶ୍ଚାତ୍ୟ ନାରୀ ଉପନ୍ୟାସରେ ନାରୀତ୍ୱର ସ୍ପର୍ଶ (femininity) ଯେତେ ସ୍ପଷ୍ଟ ଓ କମନୀୟ ପ୍ରାଚ୍ୟରେ ତାହା ହୋଇପାରେ ନାହିଁ ।(୮) ସୁତରାଂ ପୁରୁଷ ଓ ନାରୀ ଉପନ୍ୟାସ ମଧ୍ୟରେ ଯେଉଁ ମୌଳିକ ପାର୍ଥକ୍ୟ ରହିବା କଥା ତାହା ଦେଖାଯାଏନି । ନାରୀ ଯେତେବେଳେ ତା'ର ବ୍ୟକ୍ତିତ୍ୱ ଓ ନାରୀତ୍ୱ ବିଷୟରେ ସଚେତନ ହେବ, ସେତେବେଳେ ପ୍ରକୃତ ନାରୀ ସାହିତ୍ୟ ସୃଷ୍ଟି ହେବ ।



**ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ଔପନ୍ୟାସିକାଙ୍କ ଅବଦାନ :** ନାରୀ ଜୀବନର କାହାଣୀକୁ ନେଇ ନାରୀ କୈନ୍ଦ୍ରିକ ଉପନ୍ୟାସ ଓଡ଼ିଆ ସାହିତ୍ୟରେ ପ୍ରଚୁର ନ ହେଲେ ହେଁ ବହୁ ଔପନ୍ୟାସିକା ଓଡ଼ିଆ ସାହିତ୍ୟକୁ ଚଳଚଞ୍ଚଳ କରିଯାଇଛନ୍ତି । ଓଡ଼ିଆ ଉପନ୍ୟାସ ଜଗତର ପ୍ରଥମ ଉପନ୍ୟାସ 'ପଦ୍ମମାଳୀ'ରୁ କାହାଣୀ ଓ ନାମକରଣ ନାରୀକୈନ୍ଦ୍ରିକ । ଓଡ଼ିଆ ସାହିତ୍ୟରେ ଔପନ୍ୟାସିକାଙ୍କ ସଂଖ୍ୟା ଯଥେଷ୍ଟ ନୁହେଁ କିନ୍ତୁ ସୃଷ୍ଟିର ପ୍ରାଚୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ସମୁଜ୍ଜ୍ୱଳ ତଥା ସୁନ୍ଦର କାହାଣୀ, ପାରିବାରିକ ଜୀବନର ଚିତ୍ର, ନାରୀ ମନର ସଂଗୁପ୍ତ ଭାବଧାରା, ଅସହାୟା ନାରୀର କାରୁଣ୍ୟ ତଥା ପ୍ରେମର ଉଜ୍ଜ୍ୱଳ ତରଙ୍ଗରେ ତରଙ୍ଗାୟିତ ।

ଓଡ଼ିଆ ସାହିତ୍ୟରେ ଔପନ୍ୟାସିକାଙ୍କ ସଂଖ୍ୟା ସ୍ୱଳ୍ପ । କୁନ୍ତଳା କୁମାରୀ (୧୯୦୮–୧୯୩୮), ପୀତାମ୍ବରୀ ଦେବୀ, ଲବଙ୍ଗଲତା ଦେବୀ (୧୯୨୨), କୁମୁଦଲତା ଦେବୀ, ବସନ୍ତକୁମାରୀ ପଟ୍ଟନାୟକ (୧୯୨୩), ବୀଣାଦେବୀ, ବୀଣା ମହାପାତ୍ର, କନକଲତା ମହାନ୍ତି, ଗାୟତ୍ରୀ ବସୁମଲ୍ଲିକ (୧୯୩୨), କୁନ୍ତଳା ଆଚାର୍ଯ୍ୟ (୧୯୩୮), ପ୍ରଫୁଲ୍ଲତା ମହାପାତ୍ର, ବିଜୟିନୀ ଦାସ (୧୯୪୪) ଓ ପ୍ରତିଭା ରାୟ (୧୯୪୪) ଆଦି ପ୍ରମୁଖ ଓଡ଼ିଆ ଔପନ୍ୟାସିକା ।

କୁନ୍ତଳାକୁମାରୀଙ୍କ ଉପନ୍ୟାସରେ ନାରୀ ଜାତିର ଦୁଃଖ, ଯନ୍ତ୍ରଣାକୁ ସ୍ପଷ୍ଟ ଭାବେ ଦର୍ଶାଇ ଦିଆଯାଇଛି । ନାରୀ ଜାତି ପ୍ରତି ଏତେ ସହାନୁଭୂତିଶୀଳା ହୋଇପଡ଼ିଛନ୍ତି ଯେ ଉପନ୍ୟାସ କଳାର ହାନି ଘଟିଛି । ସରଳାଦେବୀ ଯଥାର୍ଥରେ ମନ୍ତବ୍ୟ ଦେଇଛନ୍ତି –''ମନେ ହୁଏ, ଲେଖିକା ଉପନ୍ୟାସର ମଧ୍ୟ ଦେଇ ତାଙ୍କର ରାଜନୈତିକ ବକ୍ତୃତା ଦେଉଛନ୍ତି ବା ନାରୀଶିକ୍ଷା, ସ୍ୱାସ୍ଥ୍ୟ, ନାରୀଙ୍କ କର୍ତ୍ତବ୍ୟ, ଦାମ୍ପତ୍ୟ ଜୀବନର ଆଦର୍ଶ କଥାମାନ କହୁଛନ୍ତି ।''(୯) 'ନଅତୁଣ୍ଡୀ', 'କାଳୀବୋହୂ' (୧୯୨୫), 'ପରଶମଣି' (୧୯୩୩)




ଆଦିରେ ବାଲ୍ୟବିଧବା ଓ ନିର୍ଯ୍ୟାତିତା ନାରୀର ଦୁଃଖ ଯନ୍ତ୍ରଣା ଚିତ୍ରିତ । ଓଡ଼ିଆ ନାରୀ ଉପନ୍ୟାସର ପ୍ରଥମ ପର୍ଯ୍ୟାୟରେ ବିଶେଷ ଭାବରେ ନାରୀର ଏଇ ଅତ୍ୟାଚାରିତ ଓ ନିର୍ଯ୍ୟାତିତ ଦିଗଟି ଉଦ୍‌ଭାସିତ । କୁନ୍ତଳାକୁମାରୀ, ପୀତାମ୍ବରୀ ଦେବୀଙ୍କ 'କାନ୍ତରାବାବୁ' (୧୯୩୧), ଲବଙ୍ଗଲତା ଦେବୀଙ୍କ 'ମନର ମଣିଷ' (୧୯୪୮), କନକଲତା ମହାନ୍ତିଙ୍କ 'ଅନୁରାଧା', କୁନ୍ତଳା ଆଚାର୍ଯ୍ୟଙ୍କ 'ଅଦିନ ମେଘ', ପ୍ରଫୁଲ୍ଲତା ମହାପାତ୍ର ଓ ବିଜୟିନୀ ଦାସ ଆଦିଙ୍କ ଉପନ୍ୟାସରେ ଏହି ଦିଗଟି ଗୁରୁତ୍ୱ ପାଇଛି । ନାରୀର ଯନ୍ତ୍ରଣାମୟ ଜୀବନ ପ୍ରଦର୍ଶିତ କରିବା ସହିତ ପ୍ରତିଷ୍ଠିତ ଓ ପ୍ରଚଳିତ ପ୍ରଥାନୁଯାୟୀ ନାରୀର ଆଦର୍ଶ ରକ୍ଷା କରିବାକୁ ଔପନ୍ୟାସିକା ବାଧ ହୋଇଛନ୍ତି । ତେଣୁ କେତେବେଳେ ସନ୍ତାନବତ୍ସଳା ହୋଇ ମମତାମୟୀ ପୁଣି କେତେବେଳେ ପବିତ୍ରତା ହୋଇ କ୍ଷମାମୟୀ ହେବାକୁ ପଡ଼ିଛି । ସେ ଜନନୀ, ଜାୟା ଓ ଭଗିନୀ ରୂପେ ଚିତ୍ରିତ ମାତ୍ର ମାନବୀ ଭାବେ ନୁହେଁ । ପ୍ରାଥମିକ ସ୍ତରରେ ନିର୍ଯ୍ୟାତିତ ଅଥଚ ଆଦର୍ଶ ନାରୀ ଚରିତ୍ର ଚିତ୍ରଣ ହିଁ ଥିଲା ଔପନ୍ୟାସିକାର ମୁଖ୍ୟ ଉଦ୍ଦେଶ୍ୟ ।

ଯେଉଁଠାରେ ନାରୀର ଅବାଧ ପ୍ରବେଶ ଅଛି ମାତ୍ର ପୁରୁଷର ଅନଧିଗମ୍ୟ ସେହି ଦିଗକୁ ଉଦ୍‌ଭାସିତ କରିବା ନାରୀ ଲେଖିକାର ବୈଶିଷ୍ଟ୍ୟ, ସବୁ ସମୟରେ ସବୁ କ୍ଷେତ୍ରରେ ଏବଂ ପ୍ରତ୍ୟେକ ଲେଖିକା ଏହା କରିପାରିନାହାନ୍ତି । ଏହାର କାରଣ ସ୍ୱରୂପ କୁହାଯାଇପାରେ ପୁରୁଷକୈନ୍ଦ୍ରିକ ସମାଜରେ ନାରୀ ତା'ର ସ୍ୱାତନ୍ତ୍ର୍ୟ ହରାଇବସିଛି କିମ୍ବା ପୁରୁଷ ଆଧିପତ୍ୟ ଫଳରେ ସେ ନିଜ ସ୍ୱାତନ୍ତ୍ର୍ୟ ବିଷୟରେ ସଚେତନ ନୁହେଁ । ପୁରୁଷ ଦ୍ୱାରା ରଚିତ ଉପନ୍ୟାସ ପାଠକରି ଓ ସେହି ଅନୁଯାୟୀ ରଚନା କରୁଥିବାରୁ ଅନେକ ସମୟରେ ସେମାନଙ୍କ ଉପନ୍ୟାସରେ ନାରୀ ବୈଶିଷ୍ଟ୍ୟ ଦେଖାଯାଇନଥାଏ । ମାତ୍ର ଯଦି ଜଣେ ନାରୀ ପୁରୁଷ ରଚିତ ଉପନ୍ୟାସଠାରୁ ଦୂରେଇ ରହେ ତା'ହେଲେ ତା' ଉପନ୍ୟାସ ସ୍ୱତନ୍ତ୍ର ହେବ ।

John Stuart Mill ଯଥାର୍ଥରେ ଏ ସମ୍ପର୍କରେ 'A Literature of their Alan' ରେ କହିଛନ୍ତି– – "Women would have a hard struggle to overcome the influence of male literary tradition and to create an original primary and independent art. If women lived in a different century from men and had never read any of their writings they would have a literature of their own."(10)

କୁନ୍ତଳାକୁମାରୀଙ୍କ ପରେ ପରେ ଓଡ଼ିଆ ଉପନ୍ୟାସ ରଚନାରେ ବହୁ ଔପନ୍ୟାସିକା ହାତ ଦେଇଛନ୍ତି । ସରଳା ଦେବୀ, ପୀତାମ୍ବରୀ ଦେବୀ, ସୀତାଦେବୀ ଖାଡ଼ଙ୍ଗା, ଅପର୍ଣ୍ଣା ଦେବୀ, ଲବଙ୍ଗଲତା ଦେବୀ, ଅମୂଲ୍ୟ ଦେବୀଙ୍କ ସଫଳ ସୃଷ୍ଟି ଓଡ଼ିଆ ଉପନ୍ୟାସ ଭଣ୍ଡାରକୁ ମହୀୟାନ୍ କରିଛି । ପୀତାମ୍ବରୀ ଦେବୀଙ୍କ 'କାନ୍ତରାବାବୁ', ସୀତାଦେବୀ ଖାଡ଼ଙ୍ଗାଙ୍କ 'ପ୍ରତ୍ୟାବର୍ତ୍ତନ', 'ଅଗ୍ରଜ', 'ପୋଷ୍ୟପୁତ୍ର' ପ୍ରଭୃତି । ଲବଙ୍ଗଲତା ଦେବୀଙ୍କ 'ସ୍ୱପ୍ନର ସୁରଭି', ଅପର୍ଣ୍ଣା

ଦେବୀଙ୍କ 'ଆର୍ଯ୍ୟଲଳନା', 'ବନମାଳତୀ', ଅମୂଲ୍ୟ କୁମାରୀଙ୍କ 'ତୋଫାନ ପରେ', 'ମନର ମଣିଷ', 'ହଜିଲା ଦିନ ଫେରେନି' ପ୍ରଭୃତି ଉପନ୍ୟାସ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଛି । ନାରୀ ଜୀବନର ବାସ୍ତବ ଚିତ୍ର ଅଙ୍କନରେ ଏସବୁ ମହତ ମଣ୍ଡିତ ହୋଇଛି ।

ପ୍ରାକ୍ ସ୍ୱାଧୀନତା ପର୍ଯ୍ୟାୟରେ ଓଡ଼ିଆ ଉପନ୍ୟାସର ବିକାଶଧାରାକୁ ଯେଉଁ ଔପନ୍ୟାସିକମାନେ ମହିମାନ୍ୱିତ କରିଯାଇଛନ୍ତି, ସେମାନେ ହେଲେ ବସନ୍ତ କୁମାରୀ ପଟ୍ଟନାୟକ, ବସନ୍ତ କୁମାରୀ ଦେବୀ, କୁନ୍ତଳାକୁମାରୀ ଆଚାର୍ଯ୍ୟ ଓ ବନଜଦେବୀ ପ୍ରମୁଖ । ପାରିବାରିକ ଜୀବନର ଚିତ୍ର ସହିତ ନାରୀ ଜୀବନର ହସକାନ୍ଦର ଆଲେଖ୍ୟ ବହୁ ଉପନ୍ୟାସରେ ଫୁଟିଉଠିଛି । ବସନ୍ତ କୁମାରୀ ପଟ୍ଟନାୟକଙ୍କ 'ସଭ୍ୟତାର ତାଜ', 'ପାଲଟା ଢେଉ', 'ଅମଡ଼ାବାଟ', 'ଚୋରାବାଲି' ଉପନ୍ୟାସ ଓଡ଼ିଆ ଉପନ୍ୟାସ ଭଣ୍ଡାରର ଶ୍ରେଷ୍ଠ ସଂପଦ ଅଟେ । ବସନ୍ତ କୁମାରୀ ଦେବୀଙ୍କ 'ଆରତ', 'ବ୍ରାହ୍ମଣ ଝିଅ', 'ବିଚାରକ', କୁନ୍ତଳା କୁମାରୀ ଦେବୀ ଆଚାର୍ଯ୍ୟଙ୍କ 'ଅଦିନ ମେଘ', ବନଜ ଦେବୀଙ୍କ 'ରାଧା', 'ତଟିନୀର ତୃଷ୍ଣା', 'ବେଳା ଭୂଇଁ', 'ମରୁ ଝରଣା' ପ୍ରଭୃତିରେ ସାମାଜିକ ଚେତନା ଫୁଟିଉଠିଛି ।

ଐତିହାସିକ ଘଟଣାବଳୀ ଓ ଚରିତ୍ର ଉପରେ ଆଧାରିତ ମିହିର କୁମାରୀ ମହାନ୍ତିଙ୍କ 'ଲୁତଫା ବେଗମ୍', 'ହୀରାବାଈ', 'ଲାବଣ୍ୟବତୀର କବି', 'ଲୋହିତ ଅରଣ୍ୟ', 'ଚମ୍ପାର ଛନ୍ଦ' ପ୍ରଭୃତି ଉପନ୍ୟାସ ଜଗତକୁ ଚଳଚଞ୍ଚଳ କରିଛି । ଶାନ୍ତି ମହାପାତ୍ରଙ୍କ 'ବୁଦ୍ଧଂ ଶରଣଂ ଗଚ୍ଛାମି' ଏକ ସଫଳ ଐତିହାସିକ ଉପନ୍ୟାସ ।[୧୧]

ସ୍ୱାଧୀନତା ପ୍ରାପ୍ତିର ପରବର୍ତ୍ତୀ କାଳରେ ଓଡ଼ିଆ ଉପନ୍ୟାସକୁ ବହୁଳ ଭାବରେ ସମୃଦ୍ଧ କରିଛନ୍ତି ପ୍ରତିଭା




ରାୟ, ଗାୟତ୍ରୀ ବସୁମଲ୍ଲିକ୍, ପ୍ରତିଭା ଶତପଥୀ, ବୀଣା ମହାପାତ୍ର, ବୀଣାପାଣି ମହାନ୍ତି, ସୁକାମିନୀ ନନ୍ଦ, ବାସନ୍ତୀ କର ପ୍ରମୁଖ ଔପନ୍ୟାସିକାମାନେ । ଉଭୟ ସଂଖ୍ୟାତ୍ମକ ଓ ଗୁଣାତ୍ମକ ମୂଲ୍ୟ ଦୃଷ୍ଟିରୁ ଏମାନଙ୍କ ସୃଷ୍ଟିସମ୍ଭାର ଅନିର୍ବଚନୀୟ ସୁଷମାରେ ମଣ୍ଡିତ । ପ୍ରତିଭା ରାୟଙ୍କ ଉପନ୍ୟାସ ସବୁରେ ନାରୀ ଜୀବନର ବିଶେଷ ସମସ୍ୟା ତା'ର ସୁଖ–ଦୁଃଖ, ଆଶା–ଆକାଂକ୍ଷାର ଚିତ୍ର ପ୍ରତିଫଳିତ । ତାଙ୍କର 'ବର୍ଷା–ବସନ୍ତ–ବୈଶାଖ, 'ନଦୀ ନିସ୍ତରଙ୍ଗ', 'ଅରଣ୍ୟ', 'ପରିଚୟ, 'ଉପନାୟିକା', 'ପୁଣ୍ୟତୋୟା', 'ଅପରିଚିତା', 'ଆଶାବରୀ', 'ଶିଳାପଦ୍ମ', 'ଯାଜ୍ଞସେନୀ', 'ଦେହାତୀତ', 'ଆଦିଭୂମି' ପ୍ରଭୃତି ଉପନ୍ୟାସ । ଗାୟତ୍ରୀବସୁ ମଲ୍ଲିକଙ୍କ 'ତ୍ରିପର୍ଣ୍ଣା', 'ସୂର୍ଯ୍ୟୋପରାଗ', 'କାବେରୀ', 'ବନବିହଙ୍ଗୀ',

'ମାଧବୀର ମଧୁରାତି', 'ଓଏସିସ୍', 'ମରୁଝର', 'ପଦ୍ମତୋଳା' ପ୍ରଭୃତି ଓଡ଼ିଆ ଉପନ୍ୟାସ ଭଣ୍ଡାରକୁ ସମୃଦ୍ଧ କରିଛି ।

ଏତଦ୍‌ବ୍ୟତୀତ 'ନୀଳନିଶୀଥର ତାରା', 'ଅମାପ ବିଷ', 'କ୍ରୀତଦାସ', ବୀଣାପାଣି ମହାପାତ୍ରଙ୍କ 'ମୃତ୍ୟୁର ଜୟଯାତ୍ରା', 'ପୁଷ୍ପିତ ମୌସୁମୀ', 'କ୍ଳାନ୍ତ ନିଶୀଥ', 'ସୁବର୍ଣ୍ଣ ସୀତା', 'ନୀଳ ଝରଣା', 'ଜଳ ତରଙ୍ଗ', ବୀଣାପାଣି ମହାନ୍ତିଙ୍କ 'ପାନ୍ଥଶାଳା', 'ରକ୍ତକବରୀ', 'ବହ୍ନିଲଗ୍ନା', ସୁକାମିନୀ ନନ୍ଦଙ୍କ 'ଅନେକ ଶୂନ୍ୟତା', 'ଆରଣ୍ୟକ', 'ବସୁମାତା', 'ସୀତା', 'ସାଧବୀଲଳନା' ପ୍ରଭୃତି ଉପନ୍ୟାସରେ ସାମାଜିକ ଦ୍ୱନ୍ଦ୍ୱର ଛାୟା ନାରୀ ଜୀବନର ବାସ୍ତବ ଚିତ୍ର ବ୍ୟାପକ ଭାବେ ଫୁଟିଉଠିଛି । ବିଜୟିନୀ ଦାସଙ୍କ 'ଶଖା ପତଙ୍ଗ', 'ନିଶୀଥ କାବ୍ୟ', 'ଆକାଶରେ ବନ୍ୟା', 'ବାଗ୍‌ଦତ୍ତା', ଶ୍ୱେତ ପଦ୍ମାସିନୀ ମହାନ୍ତିଙ୍କ 'ପରାଜିତ ନାୟକ', 'ଜୀବନର ଭିନ୍ନ ସ୍ୱାଦ', 'ଗତୃଗୃହ', 'ମନୀଷା', 'ଅବାଞ୍ଛିତ', 'ମିନାକ୍ଷୀ', 'ମ୍ଳାନଦିହୁଡି', ରୀତା ରାୟଙ୍କ 'ଦୁଇଧାରା', 'ଶେଷ ସନ୍ଧାନ', 'ଜାଲନୋଟ', ବାସନ୍ତୀ କରଙ୍କ 'ଆଖି ଝୁରେ ମନ ଝୁରେ', 'ଅବୁଝା ଚକୋର', ପ୍ରଫୁଲ୍ଲତା ମହାପାତ୍ରଙ୍କ 'ପ୍ରଥମ କଦମ୍ବଫୁଲ', 'ମାଟିରୁ ଆକାଶ', 'ଅନ୍ୟ ଏକ ଅନୁଭୂତି', 'ଦୁଇ ଛାୟାପଥ', 'ସ୍ନିଗ୍ଧ ଛାୟାଲୋକ' ପ୍ରଭୃତି ଉପନ୍ୟାସରେ ସାମାଜିକ ଜୀବନର ଚିତ୍ର ସୁନ୍ଦର ଭାବେ ଫୁଟିଉଠିଛି । ଜ୍ୟୋତ୍ସ୍ନା ରାଉତରାୟ, ଅଳକା ନନ୍ଦ ଉପନ୍ୟାସ ସାହିତ୍ୟରେ ନବାଗତା । ଜ୍ୟୋତ୍ସ୍ନା ରାଉତରାୟଙ୍କ 'ଅପରାଜିତା ସାମ୍ରାଜ୍ଞୀ', ଅଳକା ନନ୍ଦଙ୍କ 'ଭୀଷ୍ମ' ସଫଳ ସୃଷ୍ଟି । ସରୋଜିନୀ ସାହୁଙ୍କ 'ଉପନିବେଶ', 'ପ୍ରତିବନ୍ଦୀ', 'ଦାଦନ', 'ମହାଯାତ୍ରା', ପ୍ରବୀଣା ମହାନ୍ତିଙ୍କ 'ସ୍ୱାତୀ', 'ନୀଡ଼', 'ପ୍ରେୟସୀ' ପ୍ରଭୃତି ସଫଳ ଉପନ୍ୟାସ । ଔପନ୍ୟାସିକା ସୁଲୋଚନା ଦାସଙ୍କ ଉପନ୍ୟାସ 'ଅନନ୍ତିକା', 'ସ୍ୱପ୍ନାହତା', 'ମରୁତୀର୍ଥ'ରେ ସୁନ୍ଦର ସାମାଜିକ କଥାବସ୍ତୁ ସହିତ ଉନ୍ନତ ଭାଷା ଶୈଳୀ ପରିପ୍ରକାଶ ଲାଭକରିଛି । ନାରୀତ୍ୱ ବୋଧର ସ୍ୱର୍ଶ ଉପନ୍ୟାସ ସବୁରେ ଫୁଟିଉଠିଛି । କବିତା ବାରିକଙ୍କ 'ସମ୍ପର୍କ' ଓ 'ମନର ଘର' ମଧ୍ୟରେ ପାରିବାରିକ ଜୀବନ, ସାମାଜିକ ଅବସ୍ଥାର ଚିତ୍ରକୁ ଆମେ ଦେଖୁଁ । ବନଜ ଦେବୀଙ୍କ 'ନଦୀ ଓ ନୌକା', ଅଳକା ଚାନ୍ଦଙ୍କ 'ସାଆନ୍ତେ ଥିଲେ ବୋଲି', 'ତାଲିମ ବୋଲି ଝିଅଟିଏ' ସଫଳ ଉପନ୍ୟାସ । ରୋଜାଲିନ୍ ନନ୍ଦଙ୍କ 'କର୍ଣ୍ଣ', 'ଉର୍ମିଳା' ଦୁଇଟି ସଫଳ ପୌରାଣିକ ଉପନ୍ୟାସ । ଅଭିଶପ୍ତ କର୍ଣ୍ଣଙ୍କ ଜୀବନ କାହାଣୀ, ଉର୍ମିଳାଙ୍କ ଜୀବନଚର୍ଯ୍ୟାକୁ ଲେଖିକା ଉପନ୍ୟାସ ଦ୍ୱୟରେ ବିଶ୍ଳେଷଣ କରିଛନ୍ତି । ଅନୀଳମାଳା ମୁନି ଓ ଅମୀୟବାଳା ପଟ୍ଟନାୟକ ନାରୀ ଔପନ୍ୟାସିକା ଭାବରେ ଓଡ଼ିଆ ଉପନ୍ୟାସ ଜଗତକୁ ମହିମାମଣ୍ଡିତ କରିଯାଇଛନ୍ତି ।



ପୁରୁଷ ସାହିତ୍ୟ ମାଧ୍ୟମରେ ଅଜଣା, ଅଶୁଣା ଅସୀମକୁ ଅଭିବ୍ୟକ୍ତ କରିବାର ପ୍ରୟାସ କରେ । ନାରୀ ସାହିତ୍ୟରେ ପରିଚିତ ଜଗତ ହିଁ ବିଷୟବସ୍ତୁ । ନାରୀ ନିଜସ୍ୱ ଭଙ୍ଗୀରେ ପରିବେଷଣ କରେ । ତଥାପି ପୁରୁଷ ପ୍ରକୃତି ଓ ପୁରୁଷ ନିୟନ୍ତ୍ରିତ ସମାଜର ପ୍ରଭାବ ଏତେ ସୁଦୂର ପ୍ରସାରୀ ଯେ ନାରୀ ସାହିତ୍ୟ ତା'ର ସଂପୂର୍ଣ୍ଣ ନିଜସ୍ୱ ହୋଇପାରେ ନାହିଁ । ଔପନ୍ୟାସିକାଙ୍କ ଉପନ୍ୟାସର ବିଷୟବସ୍ତୁ, ଚରିତ୍ର ଚିତ୍ରଣ, ରଚନାଶୈଳୀ ଦୃଷ୍ଟିଭଙ୍ଗୀରେ ସ୍ୱାତନ୍ତ୍ର୍ୟ ପରିଲକ୍ଷିତ ହୁଏ । ଭାଷା ସଂଯୋଜନାରେ ମଧ୍ୟ ନାରୀ ଲେଖନୀର ବୈଶିଷ୍ଟ୍ୟକୁ ଅସ୍ୱୀକାର କରାଯାଇନପାରେ । ନାରୀ ଓ ପୁରୁଷର କଥିତ ଭାଷା ଯେପରି ପୃଥକ୍ ସାହିତ୍ୟିକ ଭାଷା ମଧ୍ୟ ସେହିପରି ଭିନ୍ନ । ନାରୀ ଲେଖନୀର ବିବିଧ ବୈଶିଷ୍ଟ୍ୟ ଥିବାରୁ ଔପନ୍ୟାସିକାର ଉପନ୍ୟାସ ଆଲୋଚନା ସମୟରେ ଏହି ଦିଗକୁ (Femininity) ଉପେକ୍ଷା କରିବା ଅନୁଚିତ ।

**ସଙ୍କେତ ସୂଚୀ**


୧. ନାୟକ, ଲାବଣ୍ୟ : ଉପନ୍ୟାସ ସାହିତ୍ୟ ସମ୍ପର୍କରେ, ପୃ.୧୩

୨. ପଟ୍ଟନାୟକ, ଜିତେନ୍ଦ୍ର ନାରାୟଣ : ଓଡ଼ିଆ ଉପନ୍ୟାସ, ଆରମ୍ଭରୁ ଶେଷ ଯାଏ, ପୃ.୩୮

୩. ଦାସ, ନଗେନ୍ କୁମାର : ସ୍ୱାତନ୍ତ୍ର୍ୟର ସନ୍ଧାନରେ, ପୃ.୧୬

୪. Arnold, Mathew : What Novel is ?, p.97

୫. Hudson, W.H : An Introduction to the study of English Literature, p.132

୬. ରଥ, ସୁସ୍ମିତା : କଥାଶିଳ୍ପୀ ବୀଣାପାଣି, ପୃ.୬

୭. Wells, H. G. : Down's Light, p.39

୮. ପ୍ରଧାନ, ସବିତା : ଉପନ୍ୟାସ ଅବବୋଧ, ପୃ.୧୭

୯. ମିଶ୍ର, ନରେନ୍ଦ୍ର ନାଥ : ଆଧୁନିକ ଓଡ଼ିଆ କଥାସାହିତ୍ୟ, ପୃ.୮

୧୦. Mill, John Stuart : A Literature of their own, p.63

୧୧. ପାଣିଗ୍ରାହୀ, ସୁରେନ୍ଦ୍ର ନାଥ : ଓଡ଼ିଆ ଉପନ୍ୟାସର କ୍ରମବିକାଶ, ପୃ.୩୩



ଗବେଷକ, ସ୍ନାତକୋତ୍ତର
ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର


❖ ❖ ❖